ପ୍ରେସ୍ ନୋଟ୍

## ଅନୁଗୋଳ ଓ କୁଲାଡ ଟ୍ରକ ମାଲିକ ସଂଘର ମାଲ ପରିବହନକୁ ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା ।

ଅନୁଗୋଳ,ତା. ୧୬.୯:- ଅନୁଗୋଳ ଜିଲ୍ଲା ଟ୍ରକ ମାଲିକ ସଂଘ ଓ ନାଲକୋ ୱେଲଫେୟାର ଟ୍ରକ ମାଲିକ ସଂଘ, କୁଲାଡ ଦ୍ୱାରା ନାଲକୋର ଆଲୁମିନିୟମ୍ ପରିବହନକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଲ ପରିବହନକୁ ନେଇ ନାଲକୋ ଓ ତୃତୀୟ ପକ୍ଷ ସହିତ ଆଲୋଚନା କରି ଉଭୟ ପକ୍ଷଙ୍କ ଭଡାକୁ ତୁଳନା କରିବା ପରେ ଏକ ସକାରାତ୍ମକ ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଟ୍ରକ ଦ୍ୱାରା ମାଲ ପରିବହନରେ ହଜାର ହଜାର ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭର କରୁଥିବାରୁ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଟ୍ରକ ମାଲିକ ସଂଘ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପୂର୍ବରୁ ଟ୍ରକ ମାଲିକ ସଂଘ କେବଳ ନାଲକୋର ରପ୍ତାନୀ ମାଲକୁ ଛାଡି ଅନ୍ୟ ସମସ୍ତ ଘରୋଇ ମାଲ ପରିବହନ କରୁଥିଲା । ବର୍ତ୍ତମାନ ଟ୍ରେନ ଯୋଗେ ନାଲକୋର ପରିବହନ କମ୍ପାନୀ ମାଧ୍ୟମରେ ଭାଇଜାଗ୍ ଓ କଲିକତାକୁ ମାଲ ପରିବହନ ପରେ ସେଠାରୁ ଅନ୍ୟତ୍ର ବିତରଣ କରାଯାଉଛି । ଏହା ଦ୍ୱାରା ୨ଟି ଟ୍ରକ ମାଲିକ ସଂଘର ୨ହଜାରରୁ ଉର୍ଦ୍ଧ୍ୱ ଟ୍ରକ ଛିଡା ହୋଇ ରହିବା ଦ୍ୱାରା ମାଲିକ ମାନେ ବିଶେଷ ଭାବେ ପ୍ରଭାବିତ ହେବା ସହ ସ୍ଥାନୀୟ ଯୁବକ ମାନେ ସେମାନଙ୍କର ଜୀବନ ଜୀବିକା ହରାଉଛନ୍ତି ବୋଲି କର୍ମକର୍ତ୍ତା ମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୀର୍ଘ ୩୦ ବର୍ଷଧରି ଟ୍ରକ ଯୋଗେ ମାଲ ପରିବହନ ହୋଇଆସୁଥିଲା । ଡିଜେଲର ଦରକୁ ଦୃଷ୍ଟିରେ ରଖି ଭଡା ନିର୍ଦ୍ଧାରଣ କରାଯାଉଥିଲା । ମାଲ ଲୋଡିଂ,ଅନଲୋଡିଂ ଓ ହ୍ୟାଣ୍ଡଲିଂର ମୂଲ୍ୟ ଏହି ନିର୍ଦ୍ଧାରିତ ଭଡା ମଧ୍ୟରେ ଥାଏ । ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇ ଉଭୟ ପକ୍ଷଙ୍କୁ ସୁହାଇଲା ଭଳି ନିଷ୍ପତ୍ତି ନିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଅନୁଗୋଳ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଭାପତି ଶ୍ରୀ ବିଭୁତି ପ୍ରସାଦ ଦାସ, ସାଧାରଣ ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ସାମନ୍ତ, ନାଲ୍‌କୋ ୱେଲଫେୟାର ଟ୍ରକ ମାଲିକ ସଂଘ କୁଲାଡର ସଭାପତି ଶ୍ରୀ ରାଜିବ ଜେନା ଓ ସାଧାରଣ ସମ୍ପାଦକ ଶ୍ରୀ ରଣଜିତ ସେଠ ପ୍ରମୁଖ ଯୋଗ ଦେଇଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା.୬୩୨ ତା.୧୬.୦୯.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

୧୬/୯/୨୦

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


GOVERNMENT OF ODISHA
2020


ADMINISTRATIVE MAP OF ANGUL